# Akashvani, Sambalpur

# SAMBALPURI NEWS BULLETIN

## 28 January 2026 – 6.47- 6.52 am.

*********************************************

ସଂସଦ ବଜେଟ୍ ଅଧିବେଶନ୍        ଏନ୍ଏସ୍ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଳ୍ ହେଉଛେ । ଅଧିବେଶନ୍ ମୁଳ୍ ହେଉନ୍‌ସାର୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦ୍‌ର ମିଳିତ୍ ଅଧିବେଶନ୍‌କେ ସମ୍ବୋଧନ୍ କର୍‌ବେ ।
ବଜେଟ୍ ଅଧିବେଶନ୍‌ର ପହେଲା ଖେପ୍ ଫେବୃୟାରୀ ୧୩ ତାରିଖ୍‌ତକ୍ ଚାଲ୍‌ବା । ଦୁଇ ନମ୍ବର ଖେପ୍ ମାର୍ଚ୍ଚ ମାସର୍ ୯ ତାରିଖ୍‌ନୁ ଏପ୍ରିଲ୍ ୨ ତାରିଖ୍‌ତକ୍ ହେବା । ଅଧିବେଶନ୍‌ଥି ୩୦ଟା ବୈଠକ୍ ହେବା । ଫେବୃୟାରୀ ୧ ତାରିଖ୍ ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏବା ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍‌ବେ ।

ଏଂଟର୍‌ପ୍ରାଇଜ୍ ଓଡ଼ିଶା ସମ୍ମିଳନୀ        ଆଇ.ଆଣ୍ଡ୍.ପି.ଆର୍

ସୁନ୍ଦର୍‌ଗଡ୍ ଜିଲ୍ଲା ରାଉର୍‌କେଲା ନ ଆଏଜ୍‌ଠାନୁ ଏଂଟର୍‌ପ୍ରାଇଜ୍ ଓଡ଼ିଶା ସମ୍ମିଳନୀ ମୁଳ୍ ହେବା । ୩ ଦିନିଆ ସମ୍ମିଳନୀକେ ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୨୩ ଟା ନୂଆଁ ଶିଳ୍ପ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଇଥି ରାଏଜେ ୩୫ ହଜାର୍ ୮ ଶହ ୮୦ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ହେବା । ଇତାର୍‌ଜରିଏ ୧୧ ହଜାର୍ ୮ ଶହ ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ଉଦ୍‌ଘାଟନୀ ସମାରୋହଥି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡ଼ିଶା ବିଧାନ୍‌ସଭା ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇ, ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଆଉ ଜିଲ୍ଲାର୍ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ପିୟୁସିସି-ପେଟ୍ରୋଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପ୍ରଦୂଷଣ୍ ନିୟନ୍ତ୍ରଣ ପ୍ରମାଣ୍‌ପତ୍ର - ପିୟୁସିସି ନାଇଁଥିଲେ ଭିଲ୍ ଗାଡ଼ି ଚାଲକ୍‌ମାନ୍‌କୁ ପେଟ୍ରୋଲ୍ ମିଳିପାର୍‌ବା । ଇ ବାବ୍‌ଦେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଉଚ୍ଚ ନ୍ୟାୟାଳୟନୁ ସତ୍ୟପାଠ୍ ଦାଖଲ୍ କରାଯାଇଛେ । ଆଘୋନୁ ଥିବା ନିୟମ୍‌କେ ବଦ୍‌ଲାବାର୍ ସହେତେ ବାହନ୍ ପୋର୍ଟାଲ୍‌ଥି ସଂଶୋଧନ୍ କରିକରି ଖାସ୍ ବିଜ୍ଞପ୍ତି ଜାରି କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କୁ ଗଲାକାଏଲ୍ ମାମ୍‌ଲାର୍ ଶୁଣାଣି ବେଲ୍‌କେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା ହପ୍ତେ ଭିତ୍‌ରେ ମାମ୍‌ଲାର ଆଏବା ଶୁଣାଣି କରାଯିବା ।

ଡିଏଫ୍‌ଓ ସମ୍ମିଲନୀ        ଆଇ.ଆଣ୍ଡ.ପି.ଆର୍

ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ବନଖଣ୍ଡ ଅଧିକାରୀମାନ୍‌କର୍ ସମ୍ମିଲନୀ ହେଇଯାଇଛେ । ସମ୍ମିଲନୀଥି ମନ୍ତ୍ରୀ ଶ୍ରୀ ଖୁଂଟିଆ ଜଙ୍ଗଲ୍ ସୁରକ୍ଷା ସାଙ୍ଗେ ଜୀବିକା ବିକାଶ୍ ଉପ୍‌ରେ ଜୋର୍ ଦେଇଛନ୍ । ଜଙ୍ଗଲ୍ ନିଆଁ ଆଏତ୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍ ସହେତେ ହାତୀ ମୃତ୍ୟୁ ରୁକ୍‌ବାର୍ ଲାଗି ବିଦ୍ୟୁତ୍ ବିଭାଗ୍ ସଙ୍ଗେ ତାଲ୍‌ମେଲ୍ ରଖ୍‌ବାର୍‌କେ ମନ୍ତ୍ରୀ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ସମ୍ବଲ୍‌ପୁର୍, ରାଉର୍‌କେଲା ଭବାନୀପାଟ୍‌ନା ସହେତେ ୮ ଟା ଆଂଚଲିକ ବନ ସଂରକ୍ଷକ ମଣ୍ଡଳୀ ମୁଖ୍ୟମାନେ ନିଜର୍ ନିଜର୍ ସର୍କଲ୍‌ର ସମସ୍ୟା ଆଉ ସଫଲତା ବାବ୍‌ଦେ କହିଥିଲେ ।

ସମୃଦ୍ଧି        ଆଇ.ଆଣ୍ଡ.ପି.ଆର୍

ଭୁବ୍‌ନେଶ୍ୱର୍ ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍ ପରିସର୍ ନ ସର୍ବଭାରତୀୟ କଳା ଏକୀକୃତ ଶିକ୍ଷା ପଦ୍ଧତି -ସମୃଦ୍ଧି ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ସିଆଇଇଟି, ଏନ୍‌ସିଇଆର୍‌ଟି ର ଯୁଗ୍ମ ନିର୍ଦ୍ଦେଶକ

ପ୍ରଫେସର୍ ଅମରେନ୍ଦ୍ର ପ୍ରସାଦ୍ ବେହେରା ଇତାର୍ ଉଦ୍‌ଘାଟନ୍ କରିକରି ସମୃଦ୍ଧ କଲା, ଐତିହ୍ୟର୍ ସଂରକ୍ଷଣ୍ ଆଉ ପ୍ରୋତ୍ସାହନ୍ ଇ କାର୍ଯ୍ୟକ୍ରମ୍‌ର ଆଭିମୁଖ୍ୟ ଆଏ ବଲି କହିଛନ୍ । ବିଦ୍ୟାଳୟ ଶିକ୍ଷାର୍ ସବୁ ବିଷୟକେ ଆକର୍ଷଣୀୟ କର୍‌ବାର୍ ଲାଗି ଭାଷା ସଙ୍ଗେ କଲାର୍ କୌଶଲ୍ କେନ୍ତାକରି ଦର୍‌କାର୍ ଆଏ ସେ ବାବ୍‌ଦେ ଶ୍ରୀ ବେହେରା ବୁଝେଇଥିଲେ ।

ବନ୍ଦେ ମାତରମ୍ କୋଷ୍ଟାଲ୍ ସାଇକ୍ଲୋଥନ        ପି.ଆଇ.ବି.

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ- ସିଆଇଏସ୍‌ଏଫ୍ ତର୍‌ଫୁ ବନ୍ଦେ ମାତରମ୍ କୋଷ୍ଟାଲ୍ ସାଇକ୍ଲୋଥନ୍ -୨୦୨୬ ଦେଶର୍ ୨ ଟା ଜାଗା ନୁ ଆଏଜ୍ ମୁଲ୍ ହେଉଛେ । ଆଏଜ୍ ସଖାଲର୍ ୭ ବାଜିକରି ୪୦ ମିନିଟ୍ ବେଲ୍‌କେ ପଶ୍ଚିମବଙ୍ଗ୍‌ର ବଖାଲି ନୁ ଗୁଟେ ସାଇକ୍ଲୋଥନ୍ ମୁଲ୍ ହେବା । ସାଇକେଲ୍ ଶୋଭାଯାତ୍ରା ପଶ୍ଚିମବଙ୍ଗ୍‌ନୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ୍, ତାମିଲ୍‌ନାଡୁ ହେଇକରି ପଣ୍ଡିଚେରୀତକ୍ ଯିବା । ଆଉ ଗୁଟେ ସାଇକ୍ଲୋଥନ୍ ଗୁଜୁରାତ୍‌ର ଲାଖ୍‌ପତ୍ ଦୁର୍ଗନୁ ମୁଲ୍ ହେଇକରି ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ୍ ଦେଇକରି କେରଲ୍‌ର କୋଚି ଠାନେ ପୁହୁଁଚିବା । ଦୁହି ସାଇକ୍ଲୋଥନ୍ ଫେବୃଆରୀ ୨୧ ତାରିଖ୍ ଦିନ ଶେଷ୍ ହେବା ବଲି ସିଆଇଏସ୍‌ଏଫ୍ ଦକ୍ଷିଣ କ୍ଷେତ୍ରର୍ ଆଇ.ଜି. ଏସ୍.ଆର୍. ସାରାଭନନ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ ।

ଡାଟା ଗୋପନୀୟତା ଦିବସ୍          ଆର୍‌ଏନ୍‌ୟୁ/

ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆର୍ ଗୋପନୀୟତା ରକ୍ଷା କର୍‌ବାର୍ ଅଭ୍ୟାସ୍‌କେ ତହଁକାବାର୍ ଲାଗି ଫି’ ବଛର୍ ଜାନୁଆରୀ ୨୮ ତାରିଖ୍‌କେ ଡାଟା ଗୋପନୀୟତା ଦିବସ୍ ଭାବେ ପାଲନ୍ କରାଯାଉଛେ । ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଜରିଏ ବ୍ୟକ୍ତିଗତ ତଥ୍ୟର୍ ଗୋପନୀୟତା ଲାଗି ପ୍ରଯୁକ୍ତିବିଦ୍ୟା ଉପକରଣ୍ ମାନ୍‌କର୍ ବିକାଶ୍‌କେ ତହଁକେଇକରି ପରିଚୟ ସୂଚନା ବେଭାର୍ କର୍‌ବାର୍ ଲାଗି ଗୁରୁତ୍ୱ ଦିଆଯାଉଛେ । ଗୋପନୀୟତା ନିୟମ୍ ଆର୍ ନିୟମାବଲୀ ପାଲନ୍ କର୍‌ବାର୍ ଇ ଦିବସ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ବ୍ୟକ୍ତିଗତ ତଥ୍ୟର୍ ସ୍ୱୟଂଚାଲିତ ପ୍ରକ୍ରିୟାକରଣ୍ ବିଷେ ‘ବ୍ୟକ୍ତିବିଶେଷଙ୍କର୍ ସୁରକ୍ଷା ସମ୍ମିଲନୀ-୧୯୮୧’ ମସିହା ଆଝିରର୍ ଦିନେ ୟୁରୋପ୍ ପରିଷଦ୍ ତର୍‌ଫୁ ସ୍ୱାକ୍ଷରିତ୍ ହେଇଥିଲା । ୨୦୦୭ ମସିହାଥି ପହେଲାକରି ୟୁରୋପ୍ ପରିଷଦ୍ ତର୍‌ଫୁ ଡାଟା ସୁରକ୍ଷା ଦିବସ୍ ପାଲିତ୍ ହେଇଥିଲା ।

ଓଜେଇଇ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ- ୨୦୨୬ ଲାଗି ଆଏଜ୍‌ଠାନୁ ଆବେଦନ୍ ମୁଲ୍ ହେଉଛେ । ଆବେଦନ୍ ପ୍ରକ୍ରିୟା ମାର୍ଚ୍ଚ ୨୨

ତାରିଖ୍ତକ୍ ଚାଲ୍ବା । ଓଜେଇଇ ପରୀକ୍ଷା ମେ ୪ ନୁ ୯ ତାରିଖ୍ତକ୍ ହେବା । ସବୁ ପରୀକ୍ଷା କମ୍ପ୍ୟୁଟର୍ ଆଧାରିତ୍ ଟେଷ୍ଟ୍ ଜରିଏ କରାଯିବା । ଆବେଦନ୍କାରୀମାନେ ଓଜେଇଇ ୱେବ୍ସାଇଟ୍ ojee.nic.in ଆଉ ତାର୍ ଆପ୍ ଥି ଇ ବାବ୍ଦେ ସବୁ ସୂଚ୍ନା ପାଇପାର୍ବେ ବଲି ଓଜେଇଇ ତର୍ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ବନକଲାଗି ନୀତି          ପୁରୀ ସମ୍ବାଦଦାତା

ମାଘ ଶୁକ୍ଳପକ୍ଷ ଦଶ୍ମୀ ଅବ୍ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ବନକଲାଗି ନୀତି କରାଯିବା । ୨ ନମ୍ବର୍ ଭୋଗ ମଣ୍ଡପ ଶେଷ୍ ହେବାର୍ ଉତ୍ରୁ ସଞ୍ଜ୍ବେଲର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ମାହାପୁରୁମାନ୍କର୍ ଇ ନୀତି ଚାଲ୍ବା । ବନକଲାଗି ନୀତି ଗୁଟେ ଗୁପ୍ତ ନୀତି ହେଇଥିବାର୍ନୁ ଇ ସମିଆଥି ଶ୍ରୀମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆହୁରି କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, କଲାହାଣ୍ଡି ସହେତେ ରାଜ୍ୟର୍ ୧୪ ଟା ଜାଗା ନ  ହାଲ୍‌କାନୁ ମଧମ୍ ଧରଣ୍‌ର କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।